Publication: **Suryaprabha** Date: **Sunday, 23rd November, 2014**

Edition: **Bhubaneshwar**

# ଇଣ୍ଡିଆ ଫାଷ୍ଟ ବୀମା କମ୍ପାନୀ ପକ୍ଷରୁ ‘ହାପି ଇଣ୍ଡିଆ’ କାର୍ଯ୍ୟକ୍ରମ

॥ ପ୍ରଭାନ୍ୟୁଜ୍ ॥ ଭୁବନେଶ୍ୱର: ସୃଜନଶୀଳ ଚିନ୍ତା ଓ ମହତ୍ ଉଦ୍ଦେଶ୍ୟ ନେଇ ଦେଶରେ ପରିବର୍ତ୍ତନ ପାଇଁ ଚିନ୍ତା କରୁଥିବା ଯୁବ ମେଧାଙ୍କୁ ଚିହ୍ନଟ କରିବା ଉଦ୍ଦେଶ୍ୟରେ ଇଣ୍ଡିଆ ଫାଷ୍ଟ ଲାଇଫ ଇନସ୍ୟୁରାନ୍ସ କମ୍ପାନୀ ଏହାର ୫ମ ବାର୍ଷିକୀ ପୂର୍ତ୍ତି ଅବସରରେ ୧୧ରୁ ୧୬ ବର୍ଷ ବୟସ ମଧ୍ୟରେ ଥିବା ପିଲାମାନଙ୍କ ପାଇଁ ଏକ ସାମାଜିକ ପରିବର୍ତ୍ତନକାରୀ ପଦକ୍ଷେପ ‘ହାପି ଇଣ୍ଡିଆ’ କାର୍ଯ୍ୟକ୍ରମ ବିଷୟ ଘୋଷଣା କରିଛି । ଦେଶର ସେବାରେ ୫ବର୍ଷ ଅତିକ୍ରାନ୍ତ କରିବା ଅବସରରେ ହାପି ଇଣ୍ଡିଆ କାର୍ଯ୍ୟକ୍ରମ ବିଷୟ ଘୋଷଣା କରି ଆମେ ଆନନ୍ଦିତ ବୋଲି କହିଛନ୍ତି ମୋହିତ ରୋଚନାଲି । ଦେଶରେ ପରିବର୍ତ୍ତନର ହାୱା ପ୍ରବାହିତ ହେଉଛି । ଏକ ସୁନ୍ଦର ଭାରତବର୍ଷ ଗଢ଼ିତୋଳିବା ପାଇଁ ନୂତନ ସରକାର ଏକାଧିକ ପଦକ୍ଷେପ ଘୋଷଣା କରିଛନ୍ତି । ଆର୍ଥିକ ଅନ୍ତର୍ଭୁକ୍ତିରୁ ଆରମ୍ଭ କରି ମେକ୍ ଇନ ଇଣ୍ଡିଆ ଓ ସ୍ୱଚ୍ଛ ଭାରତ ଅଭିଯାନ ବିଷୟ ସରକାର ଘୋଷଣା କରିଛନ୍ତି । ତେଣୁ ଏହି ପରିବର୍ତ୍ତନରେ ଛାତ୍ରଛାତ୍ରୀଙ୍କୁ ଅଂଶୀଦାର କରିବାର ସମୟ ହୋଇଛି ବୋଲି ସେ କହିଛନ୍ତି । ହାପି ଇଣ୍ଡିଆ କାର୍ଯ୍ୟକ୍ରମ ଯୁବ ପରିବର୍ତ୍ତନକାରୀଙ୍କୁ ଚିହ୍ନଟ କରିବ ଏବଂ ସେମାନଙ୍କୁ ସହାୟତା ମଧ୍ୟ ପ୍ରଦାନ କରିବ । ଏହି କାର୍ଯ୍ୟକ୍ରମରେ ଦେଶର ୧୫ଟି ସହରର ୫୦୦ ବିଦ୍ୟାଳୟର ୨୦,୦୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ । ଯୁବ ମସ୍ତିଷ୍କ ସେମାନଙ୍କ ମନକୁ ଛୁଉଁଥିବା ବିଭିନ୍ନ ସମସ୍ୟା ଚିହ୍ନଟ କରିବେ ଏବଂ ଏହାକୁ କିପରି ସମାଧାନ କରାଯାଇପାରିବ ସେ ସଂପର୍କରେ ନିଜର ଚିନ୍ତାଧାରା ଉପସ୍ଥାପିତ କରିବେ । ଏଥି ମଧ୍ୟରୁ ୫୦ଟି ଉତ୍କୃଷ୍ଟ ପରିବର୍ତ୍ତନକାରୀ ଚିନ୍ତାଧାରା ଚିହ୍ନଟ କରାଯାଇ ସେମାନଙ୍କ ୫୦,୦୦୦ ଟଙ୍କା ଲେଖାଁଏ ଅନୁଦାନ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ୍ ବରୋଦା ଓ ଆନ୍ଧ୍ର ବ୍ୟାଙ୍କ ସହାୟତା ପ୍ରଦାନ କରିବେ । ରାଷ୍ଟ୍ର ବିକାଶରେ ଭବିଷ୍ୟତ ପିଢ଼ିକୁ ସାମିଲ କରାଇବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ସେ କହିଥିଲେ । ଏଥିମଧ୍ୟରୁ ୨୫ଟି ଚିନ୍ତାଧାରାକୁ ବିଭିନ୍ନ ବରିଷ୍ଠ ବ୍ୟକ୍ତି ବିଶେଷଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ କରାଯିବ । ଏହି କାର୍ଯ୍ୟକ୍ରମ ଫେବୃୟାରୀ ମାସରେ ଆୟୋଜନ କରାଯିବ । ଏଥିରେ ୨୫ଟି ଦଳ ନିଜର ପ୍ରକଳ୍ପ ପ୍ରଦର୍ଶନ କରିବେ । ଗୋଟିଏ ଦଳରେ ୩ରୁ ୪ ଜଣ ଛାତ୍ର ରହିବେ ।

A Joint Venture of Bank of Baroda Legal & General Andhra Bank